# 65th Vanamahotsava



Principal Chief Conservator of Forests
Bhubaneswar – 751023



*Vanamahotsava – 2013*




*Vanamahotsava – 2013*



ଶ୍ରୀ ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭୁବନେଶ୍ୱର
ତା.୧୯.୦୬.୨୦୧୪

## ୬୫ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ
## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବୃକ୍ଷ ହିଁ ଜୀବନ। ବୃକ୍ଷ ଆମକୁ ଖାଦ୍ୟ, ବସ୍ତ୍ର ଓ ଗୃହନିର୍ମାଣର ସାମଗ୍ରୀ ପ୍ରଦାନ କରିଥାଏ। ବର୍ଷା ସୃଷ୍ଟି କରିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ବୃକ୍ଷ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷି ନେଇ ଅମ୍ଳଜାନ ପ୍ରଦାନ କରିଥାଏ। ଏହି ଅମ୍ଳଜାନ ଜୀବଜଗତର ପ୍ରାଣବାୟୁ ଭାବରେ ବ୍ୟବହୃତ ହୁଏ। ବର୍ତ୍ତମାନ ପରିବେଶରେ ଘନ ଘନ ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବ ସମସ୍ତଙ୍କୁ ପରିବେଶ ସଚେତନ ହେବାକୁ ବାଧ୍ୟ କଲାଣି। ତେଣୁ ଜନସଚେତନତା ସୃଷ୍ଟି ସହ ବ୍ୟାପକ ବୃକ୍ଷରୋପଣ ବନମହୋତ୍ସବର ସର୍ବପ୍ରଥମ ଉଦ୍ଦେଶ୍ୟ।

ଚଳିତ ବର୍ଷ ରାଜ୍ୟ ସରକାର ବୃକ୍ଷରୋପଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାଛଡ଼ା ପ୍ରାୟ ୫.୫୦ କୋଟି ବିଭିନ୍ନ କିସମର ଚାରା ଓଡ଼ିଶାର ପ୍ରତି ଗ୍ରାମ ସହରରେ ମାଗଣାରେ ଲୋକମାନଙ୍କୁ ବଣ୍ଟନ କରାଯିବ। ବିଭିନ୍ନ ବନ ସୁରକ୍ଷା ସମିତି ଜଙ୍ଗଲ ସୁରକ୍ଷା ସହ ଖାଲି ଜାଗାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆଶା କରାଯାଉଛି ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକ ଓ ଜଳବାୟୁ ପରିବର୍ତ୍ତନ ପରି ସମସ୍ୟା ଏହାଦ୍ୱାରା ପ୍ରତିହତ ହୋଇପାରିବ।

ମୋର ଅନୁରୋଧ ବୃକ୍ଷରୋପଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରି ଜୁଲାଇ ମାସର ପ୍ରଥମ ସପ୍ତାହଟିକୁ ଘରେ ଘରେ ପୁରପଲ୍ଲୀରେ ବନମହୋତ୍ସବ ସପ୍ତାହ ହିସାବରେ ପାଳନ କରନ୍ତୁ ଓ ପ୍ରତ୍ୟେକ ଗୋଟିଏ ଗୋଟିଏ ଚାରା ରୋପଣ କରନ୍ତୁ। ଏକ ସବୁଜ ସୁନ୍ଦର ଓଡ଼ିଶା ଆମର ଲକ୍ଷ୍ୟ ହେଉ। ୬୫ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

(ନବୀନ ପଟ୍ଟନାୟକ)



**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର, ଓଡ଼ିଶା

## ୭୫ତମ ବନମହୋତ୍ସବ ସପ୍ତାହ ବାର୍ତ୍ତା

୬୫ ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି ।

ପ୍ରାକୃତିକ ସନ୍ତୁଳନ ରକ୍ଷା କରିବା ପାଇଁ ବନ ହିଁ ପ୍ରକୃତିର ସର୍ବଶ୍ରେଷ୍ଠ ସୃଷ୍ଟି । ବନ ଯୋଗୁଁ ହୁଏ ବୃଷ୍ଟି, ବୃଷ୍ଟି ଉପୁଜାଏ ଅନ୍ନ ଓ ଅନ୍ନ ଜୀବନଧାରଣର ମୁଖ୍ୟ ଉପାଦାନ । ବନର ଅବକ୍ଷୟ ପ୍ରାକୃତିକ ସନ୍ତୁଳନକୁ କ୍ଷତବିକ୍ଷତ କରିଥାଏ ଓ ପ୍ରାକୃତିକ ଦୁର୍ବିପାକକୁ ବରଣ କରି ଆଣିଥାଏ । ସୁତରାଂ ବ୍ୟାପକ ବୃକ୍ଷରୋପଣ ଦ୍ୱାରା ସବୁଜିମା ସୃଷ୍ଟି ଓ ଅରଣ୍ୟ ସମ୍ପଦର ବୃଦ୍ଧି ଏକାନ୍ତ ଜରୁରୀ । ସେଥିପାଇଁ ୧ ୯ ୫ ୦ ମସିହାରୁ ଜୁଲାଇ ମାସର ପ୍ରଥମ ସପ୍ତାହଟିକୁ ବ୍ୟାପକ ବୃକ୍ଷରୋପଣର ସପ୍ତାହ - 'ବନମହୋତ୍ସବ ସପ୍ତାହ' ରୂପେ ପାଳନ କରାଯାଉଛି ।

ଜଙ୍ଗଲ ସମ୍ପଦର କ୍ଷୟକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବୃକ୍ଷରୋପଣର ଯୋଜନା ପ୍ରସ୍ତୁତ କରିଛନ୍ତି । ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ୧ ଲକ୍ଷ ୫ ୨ ହଜାର ୩୬୮ ହେକ୍ଟର ନୂତନ ଜଙ୍ଗଲ ସୃଷ୍ଟି କରାଯିବା ସହ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ପଥପାର୍ଶ୍ୱ ବନୀକରଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସର୍ବୋପରି ଚଳିତ ବର୍ଷ ୫ କୋଟି ୫୦ ଲକ୍ଷ ଚାରା ଉତ୍ପାଦନ କରି ବନବିଭାଗ ସହାୟତାରେ ରାଜ୍ୟର କୋଣ, ଅନୁକୋଣରେ ମାଗଣାରେ ବଣ୍ଟନ କରାଯିବାର ଯୋଜନା ରହିଛି ।

ରାଜ୍ୟର ସମସ୍ତ ବନସୁରକ୍ଷା ସମିତି, ପରିବେଶବିତ୍ ତଥା ସଚେତନ ନାଗରିକମାନଙ୍କୁ ମୋର ଆହ୍ୱାନ, ସେମାନେ ଏକମନ, ଏକପ୍ରାଣ ହୋଇ ବୃକ୍ଷରୋପଣ ଭଳି ଏକ ମହତ କର୍ମକୁ ଆପଣେଇ ନିଅନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଚାରା ଲଗାଇ ତା'ର ଯତ୍ନ ନିଅନ୍ତୁ, ଦେଖିବେ ଓଡ଼ିଶା ସବୁଜିମାଭରା ହୋଇ ସୁନ୍ଦର ଦିଶିବ ଓ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ମିଳିବ । ବନମହୋତ୍ସବକୁ ଜଙ୍ଗଲ ସୁରକ୍ଷାର ଏକ ବଳିଷ୍ଠ ବିକଳ୍ପ ଆନ୍ଦୋଳନ ରୂପେ ଗଢ଼ି ତୋଳିବାକୁ ମୁଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ବିକ୍ରମ କେଶରୀ ଆରୁଖ
(ବିକ୍ରମ କେଶରୀ ଆରୁଖ)